# ସମଲେଶ୍ୱରୀ ଅଂଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲିଃ. ସମ୍ବଲପୁର

## ସମିତି ସର୍କୁଲାର ନଂ..୫୨.../ତା.୨୧.୧୦.୨୦୧୬

ନିମ୍ନସ୍ୱାକ୍ଷରକାରୀ ବିଭିନ୍ନ ସମୟରେ ସମିତିମାନଙ୍କୁ ଗସ୍ତ ସମୟରେ ଏବଂ ବିଭିନ୍ନ ସମୟରେ ସମିତିମାନଙ୍କ ସହ ଆଲୋଚନା କରିବା ସମୟରେ ଦୀର୍ଘ କିଛି ବର୍ଷ ଧରି ସମିତିମାନଙ୍କ ସମୀକ୍ଷା (Audit) ହେଉ ନଥିବା ଯୋଗୁଁ ସମିତିଗୁଡ଼ିକରେ ଦେଖାଦେଇଥିବା ଆର୍ଥିକ ଅବ୍ୟବସ୍ଥା ଏବଂ ଚାଷୀମାନଙ୍କୁ Bonus ପ୍ରଦାନରେ ବାଧାପ୍ରାପ୍ତ ହେଉଥିବାରୁ ସମିତିରେ ଅସନ୍ତୋଷ ପ୍ରକାଶ ପାଉଅଛି । ସଂଘ ତରଫରୁ ବିଭିନ୍ନ ସମୟରେ Auditor General of Co-operative Society ଙ୍କ ସହ ଆଲୋଚନା ଏବଂ ସମିତିମାନଙ୍କ ସମୀକ୍ଷା ପାଇଁ ଅନୁରୋଧର କିଛି ସୁଫଳ ମିଳୁନାହିଁ ।

ସମିତି ସମୀକ୍ଷା ସମ୍ବନ୍ଧୀୟ ଉପବିଧି (Bye-law) ର ବ୍ୟବସ୍ଥା ନିମ୍ନରେ ଦିଆଗଲା ।

xxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxx

**5.3.4 - To sanction the budget for the next year and it deemed necessary to appoint Internal Auditor.**

**୫.୩.୪ - ଯଦି ଦରକାର ହୁଏ ଆଭ୍ୟନ୍ତରୀଣ ସମୀକ୍ଷକ ନିଯୁକ୍ତ କରିବା ଏବଂ ପରବର୍ଷ ପାଇଁ ଖର୍ଚ୍ଚ ଅଟକଳ ମଂଜୁର କରିବା ।**

xxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxx

ଉପରୋକ୍ତ ସମିତି ଉପବିଧି (Bye-law) ଅନୁଯାୟୀ ସମସ୍ତ ସମିତିମାନଙ୍କ ସାଧାରଣ ସଭା ଆଭ୍ୟନ୍ତରୀଣ ସମୀକ୍ଷକ ନିଯୁକ୍ତ କରିବାର କ୍ଷମତା ଅଛି । ଆଭ୍ୟନ୍ତରୀଣ ସମୀକ୍ଷକ ନିଯୁକ୍ତ କରିବା ପାଇଁ ସମସ୍ତ ସମିତିମାନଙ୍କ ସାଧାରଣ ସଭାରେ ନିଷ୍ପତ୍ତି ନେଇ Auditor General ଭୁବନେଶ୍ୱରଙ୍କ ସହ ରେଜିଷ୍ଟ୍ରିଭୁକ୍ତ ଏହି ଅଂଚଳର ନିମ୍ନଲିଖିତ Chartered Accountant Firm ମାନଙ୍କ ମଧ୍ୟରୁ ଯେ କୌଣସି ସଂସ୍ଥାକୁ ଆଭ୍ୟନ୍ତରୀଣ ସମୀକ୍ଷକ ଭାବେ ନିଯୁକ୍ତ କରିପାରିବେ ।

| | | | |
|---|---|---|---|
| 1. | M/s.Mishra Badhei & Associates<br>Near Astha Nurshing Home,<br>Ainthapali, Sambalpur | 2. | M/s.Santosh G.Dash & Associates<br>New Colony, Near Budharaja, Jr.College,<br>Po : Budharaja, Sambalpur |
| 3. | M/s.S.K.Panda & Associates,<br>G.M.College Road,<br>Near Church, Sambalpur<br>Mob.No.9437175830 | 4. | M/s. OM Kejriwal & Associates<br>Jagannathpara<br>Bolangir-767 001. |

P.T.O

Auditor General ଧାର୍ଯ୍ୟ କରିଥିବା ନିମ୍ନମତେ ଅଡିଟ୍ ଫି. କୁ ଆଭ୍ୟନ୍ତରୀଣ ସମୀକ୍ଷକଙ୍କୁ ପ୍ରଦାନ ପାଇଁ ନିଷ୍ପତ୍ତି ନେଇପାରିବେ ।

| କ୍ର.ନଂ. | ଉକ୍ତ ବର୍ଷର ଦୁଗ୍ଧ ସଂଗ୍ରହ ପରିମାଣ | ଅଡିଟ୍ ଦିନ | ଦୈନିକ ଅଡିଟ୍ ଫି. | ମୋଟ୍ |
|---|---|---|---|---|
| ୧ | ଦୈନିକ ହାରାହାରି ୧୦୦ ଲି. ରୁ କମ୍ | ୫ ଦିନ | ଟ.୨୦୦.୦୦ | ଟ.୧,୦୦୦.୦୦ |
| ୨ | ଦୈନିକ ହାରାହାରି ୧୦୧ ଲି. ରୁ ୪୯୯ ଲି. | ୭ ଦିନ | ଟ.୨୦୦.୦୦ | ଟ.୧,୪୦୦.୦୦ |
| ୩ | ଦୈନିକ ହାରାହାରି ୫୦୦ ଲି. ରୁ ଅଧିକ | ୧୦ ଦିନ | ଟ.୨୦୦.୦୦ | ଟ.୨,୦୦୦.୦୦ |

ଆଭ୍ୟନ୍ତରୀଣ ସମୀକ୍ଷକଙ୍କଠାରୁ ସମୀକ୍ଷା ରିପୋର୍ଟ ସମିତିର ହସ୍ତଗତ ହେଲା ପରେ ସମିତି ଉପବିଧି (Bye-law) ଅନୁଯାୟୀ ଲାଭାଂଶରୁ ଚାଷୀମାନଙ୍କୁ Bonus ପ୍ରଦାନ ପାଇଁ ସମିତିମାନେ ପଦକ୍ଷେପ ନେଇପାରିବେ । ପରେ Asst. Auditor General of Co-operative Society ଙ୍କ ଦ୍ୱାରା Final Audit ପାଇଁ ପରବର୍ତ୍ତୀ ପର୍ଯ୍ୟାୟରେ କରାଯିବା ପାଇଁ ସମିତିମାନେ ପଦକ୍ଷେପ ନେବେ ।

ଏହା ଉପରେ ଉଚିତ ପଦକ୍ଷେପ ନେବାପାଇଁ ସମିତିମାନଙ୍କୁ ଅନୁରୋଧ.

ସାଧାରଣ ପରିଚାଳକ

ସୂଚନା କ୍ରମାଙ୍କ ନଂ ...... ତା.୨୧.୧୦.୨୦୧୬
ନକଲ ପାଇବେ –

୧. ସମସ୍ତ ସମିତି ।
୨. ସମସ୍ତ କ୍ଷେତ୍ର ପରିଦର୍ଶକ/ପରଦର୍ଶିକା/ଅଂଚଳ ଭାରପ୍ରାପ୍ତ ଅଧିକାରୀ/ଡେପୁଟୀ ମ୍ୟାନେଜର ।
୩. Dy.General Manager (P&I), Omfed, Bhubaneswar.

ସାଧାରଣ ପରିଚାଳକ